ନିତିଦିନ
NITIDIN

NEW AGE MEDIA & PUBLICATIONS PVT. LTD.
PRINTED AT BHUBANESWAR

www.nitidin.com twitter.com/nitidintoday facebook.com/nitidintoday

ଅମାନିଆ ଗାଡ଼ିଚାଳକଙ୍କୁ ଉଠବସ୍, ଲାଠିମାଡ଼ ୨

ଫାଇନ୍ ଦେଇ ବି କଟକଣା ମାନିବାକୁ ନାରାଜ ୩

ମହାଭାରତ ୧୮ ଦିନ, କରୋନା ଯୁଦ୍ଧ ୨୧ ଦିନ ୫

ଘୋଷଣା ହୋଇପାରେ ୧.୫ ଲକ୍ଷ କୋଟିର ଆର୍ଥିକ ପ୍ୟାକେଜ୍ ୯

ଏବେ ୨୪x୭ ଅନ୍‌ଲାଇନ୍
www.nitidin.com

RNI REG. NO. ODIODI/2015/62237 • POSTAL REGD. NO.BN/258/18-20

VOLUME 5 • ISSUE 307 • BHUBANESWAR • BERHAMPUR • SAMBALPUR • BALASORE • JAJPUR • THURSDAY • 26 MARCH 2020 • 16 PAGES • ₹5/- • ବର୍ଷ ୫ • ସଂଖ୍ୟା ୩୦୭ • ଭୁବନେଶ୍ୱର • ବ୍ରହ୍ମପୁର • ସମ୍ବଲପୁର • ବାଲେଶ୍ୱର • ଯାଜପୁର • ଗୁରୁବାର • ୨୬ ମାର୍ଚ୍ଚ ୨୦୨୦ • ୧୬ ପୃଷ୍ଠା • ୫ ଟଙ୍କା

କାବୁଲ ଗୁରୁଦ୍ୱାରରେ ଆତଙ୍କୀ ହମ୍‌ଲା: ୨୭ ମୃତ, ୧୫୦ ଆହତ

କାବୁଲ,୨୫।୩/ଏଜେନ୍ସି:

ଆଫଗାନିସ୍ତାନର ରାଜଧାନୀ କାବୁଲସ୍ଥିତ ସୋରବଜାର ଅଞ୍ଚଳରେ ଥିବା ଏକ ଗୁରୁଦ୍ୱାର ଉପରେ ବୁଧବାର ଆତଙ୍କୀ ହମ୍‌ଲା ହେବାରୁ ଅନ୍ୟୂନ ୨୭ ଜଣ ଶିଖଙ୍କ ପ୍ରାଣହାନି ଘଟିଥିଲାବେଳେ ୧୫୦ରୁ ଅଧିକ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ କେତେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଥିବାରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଏହି ହମ୍‌ଲା ପାଇଁ ଆତଙ୍କବାଦୀ ସଂଗଠନ ଆଇଏସ୍‌ଆଇଏସ୍ ନିଜକୁ ଦାୟୀ କରିଛି। ନିକଟରେ ଆମେରିକା ସହ ଶାନ୍ତି ଚୁକ୍ତି କରିଥିବା ତାଲିବାନ୍‌କୁ ବିରୋଧ କରି ପାକିସ୍ତାନର ଆଇଏସ୍‌ଆଇ ସମର୍ଥନରେ ଏଭଳି ହମ୍‌ଲା ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ନିକଟରେ ଦୋହାରେ ଆମେରିକା ଓ ତାଲିବାନ୍ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତି ଅନୁଯାୟୀ, ଆମେରିକା ଆଫଗାନିସ୍ତାନରୁ ପର୍ଯ୍ୟାୟକ୍ରମେ ସମସ୍ତ ସୈନ୍ୟଙ୍କୁ ଅପସାରଣ କରିନେବାକୁ ରାଜି ହୋଇଥିଲା। ଏଭଳି ସ୍ଥିତିରେ ଆଫଗାନିସ୍ତାନରେ ସକ୍ରିୟ ଥିବା ଆତଙ୍କୀ ଗୋଷ୍ଠୀକୁ ପାକିସ୍ତାନ ସହଯୋଗ କରି ଫାଇଦା ନେବା ଚକରରେ ରହିଛି। ଏହି ପରିପ୍ରେକ୍ଷୀରେ କାବୁଲରେ ଶିଖ୍ ଗୁରୁଦ୍ୱାର ଉପରେ ହମ୍‌ଲାକୁ ଭାରତ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ଇସ୍ତାହାରରେ କୁହାଯାଇଛି, ଏଭଳି ହମ୍‌ଲାରେ ପ୍ରାଣ ହରାଇଥିବା ଶିଖ୍‌ଙ୍କ ଆତ୍ମୀୟସ୍ୱଜନଙ୍କୁ ଆମେ ଗଭୀର ସମବେଦନା ଜଣାଉଛୁ।

ଲକ୍‌ଡାଉନ୍ ସମୟରେ ଗରିବଙ୍କ ପାଇଁ କ୍ୟାବିନେଟ୍‌ରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

୮୦ କୋଟିଙ୍କୁ ରିହାତିରେ ମିଳିବ ଖାଦ୍ୟଶସ୍ୟ

କେଜି ୨ ଟଙ୍କାରେ ଗହମ ଓ ୩ ଟଙ୍କାରେ ଚାଉଳ ଯୋଗାଣ ହେବ

ଭାରତରେ ମୃତ୍ୟୁସଂଖ୍ୟା ୧୨, ସଂକ୍ରମିତଙ୍କ ସଂଖ୍ୟା ୬୦୬କୁ ବୃଦ୍ଧି

ନୂଆଦିଲ୍ଲୀ,୨୫।୩/ଏଜେନ୍ସି:

ଭାରତରେ ୨୧ ଦିନିଆ ଲକ୍‌ଡାଉନ୍ ଘୋଷଣାର ଦ୍ୱିତୀୟ ଦିନରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୦୬କୁ ବୃଦ୍ଧି ପାଇଛି। ଇତିମଧ୍ୟରେ ତାମିଲନାଡୁରେ ଜଣେ ସଂକ୍ରମିତଙ୍କ ମୃତ୍ୟୁ ଘଟିବା ଫଳରେ କରୋନାରେ ମୃତ୍ୟୁ ସଂଖ୍ୟା ୧୨ରେ ପହଞ୍ଚିଛି। ଗୁଜୁରାଟ ଅହମ୍ମଦାବାଦରେ ଆଜି ଆଉ ଜଣେ କରୋନା ଆକ୍ରାନ୍ତ ୮୫ ବର୍ଷ ବୟସ୍କ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ନିକଟରୁ ବିଦେଶରୁ ଫେରିଥିଲେ। ଗତ ୨୨ ତାରିଖରେ ତାଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଗୁଜୁରାଟରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ସଂଖ୍ୟା ଏବେ ୨କୁ ବୃଦ୍ଧି ପାଇଛି। ଲକ୍‌ଡାଉନ୍ ସମୟରେ କେନ୍ଦ୍ର ସରକାର ଦେଶର ୮୦ କୋଟି ଗରିବଙ୍କୁ ରିହାତି ଦରରେ ଚାଉଳ ଓ ଗହମ ଯୋଗାଇଦେବାକୁ ଘୋଷଣା କରିଛନ୍ତି।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମସଚିବ ଲବ ଅଗ୍ରୱାଲ ଗଣମାଧ୍ୟମକୁ କହିଛନ୍ତି, କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ରାଜ୍ୟଗୁଡ଼ିକୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀସ୍ତରୀୟ ଗୋଷ୍ଠୀର (ଜିଓଏମ୍)ର ବୈଠକ ବସି ପରିସ୍ଥିତିର ସମୀକ୍ଷା କରାଯାଇଛି। ଇତିମଧ୍ୟରେ ଦିଲ୍ଲୀରେ ୫ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯିବା ଫଳରେ କରୋନା ରୋଗୀ ସଂଖ୍ୟା ୩୫କୁ ବୃଦ୍ଧି ପାଇଛି। କେରଳରେ ବୁଧବାର ଆଉ ୯ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୧୮ରେ ପହଞ୍ଚିଛି। ମହାରାଷ୍ଟ୍ରରେ ୬ ଜଣ ନୂଆ ରୋଗୀଙ୍କୁ ଚିହ୍ନଟ କରାଯିବାରେ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୨କୁ ବୃଦ୍ଧି ପାଇଛି। ଦେଶରେ ସର୍ବାଧିକ ସଂକ୍ରମିତ ହୋଇଛନ୍ତି ମହାରାଷ୍ଟ୍ରରେ। ଦେଶରେ କରୋନା ସଂକ୍ରମଣକୁ ରୋକିବା ଲାଗି ୨୧ ଦିନ ପାଇଁ ଲକ୍‌ଡାଉନ୍ ଘୋଷଣା କରାଯାଇଥିବାରୁ ଏହି ସମୟରେ ୮୦ କୋଟି ଗରିବ ଜନସାଧାରଣଙ୍କୁ କିଲୋ ପିଛା ୨ ଟଙ୍କା ଦରରେ ଗହମ ଓ ୩ ଟଙ୍କା ଦରରେ ଚାଉଳ ଯୋଗାଇଦେବା ଲାଗି ବୁଧବାର କେନ୍ଦ୍ର କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି, କିଲୋ ପିଛା ୨୭ ଟଙ୍କାରେ ବିକ୍ରି ହେଉଥିବା ଗହମକୁ ୨ ଟଙ୍କାରେ ଏବଂ କିଲୋ ପିଛା ୩୭ ଟଙ୍କାରେ ବିକ୍ରି ହେଉଥିବା ଚାଉଳ ୩ ଟଙ୍କାରେ ଯୋଗାଇ ଦିଆଯିବ। ଜରୁରି ସାମଗ୍ରୀ ମିଳୁଥିବା ଦୋକାନଗୁଡ଼ିକ ଏହି ଲକ୍‌ଡାଉନ୍ ସମୟରେ ଖୋଲା ରହିବ। ଏହି କ୍ୟାବିନେଟ୍ ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନ ଯୋଗଦେଇ କରୋନା ସଂକ୍ରମଣ ରୋକିବା ଲାଗି ତାଙ୍କ ମନ୍ତ୍ରଣାଳୟ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରିଥିଲେ।

ମେ’ ୧୫ ସୁଦ୍ଧା ଦେଶରେ ସନ୍ଦିଗ୍ଧଙ୍କ ସଂଖ୍ୟା ହେବ ୧୩ ଲକ୍ଷ !

ନୂଆଦିଲ୍ଲୀ: ଆଗାମୀ ମେ’ ୧୫ ସୁଦ୍ଧା ଭାରତରେ କରୋନା ସନ୍ଦିଗ୍ଧଙ୍କ ସଂଖ୍ୟା ପ୍ରାୟ ୧୩ ଲକ୍ଷରେ ପହଞ୍ଚିବାର ସମ୍ଭାବନା ରହିଛି ବୋଲି କରୋନା ଭୂତାଣୁ ସଂପର୍କରେ ଗବେଷଣା କରୁଥିବା କିଛି ବୈଜ୍ଞାନିକ ଓ ବିଶେଷଜ୍ଞଙ୍କୁ ନେଇ ଗଠିତ କୋଭିଡ-ଇଣ୍ଡିଆ-୧୯ ଷ୍ଟଡି ଗ୍ରୁପ୍ ମତ ଦେଇଛି। ତେବେ ଭାରତରେ କୋଭିଡ-୧୯ ସନ୍ଦିଗ୍ଧଙ୍କ ରକ୍ତ ନମୂନା ପରୀକ୍ଷଣ ବ୍ୟବସ୍ଥା ଅତ୍ୟନ୍ତ ମନ୍ଥର ହୋଇଥିବାରୁ ତାହା ଚିନ୍ତାର କାରଣ ହୋଇଛି। ଏହି ଗ୍ରୁପ୍ କହିଛି ଯେ କୋଭିଡ-୧୯ ସଂକ୍ରମଣକୁ ରୋକିବା ଦିଗରେ ଭାରତ ଯଦିଓ ପ୍ରାଥମିକ ପର୍ଯ୍ୟାୟରେ ସଫଳ ପଦକ୍ଷେପ ନେଇଛି, ତଥାପି ଆଗାମୀ ଦିନ ପାଇଁ ଏହା ଯଥେଷ୍ଟ ନୁହେଁ। ମାର୍ଚ୍ଚ ୧୮ ତାରିଖ ସୁଦ୍ଧା ଦେଶରେ ମାତ୍ର ୧୧,୫୦୦ ସନ୍ଦିଗ୍ଧଙ୍କ ରକ୍ତ ନମୂନା ପରୀକ୍ଷା କରାଯାଇ ପାରିଛି। ମେ’ ୧୫ ସୁଦ୍ଧା ସନ୍ଦିଗ୍ଧଙ୍କ ସଂଖ୍ୟା ୧୩ ଲକ୍ଷକୁ ବୃଦ୍ଧି ପାଇଲେ ଏତେ ଲୋକଙ୍କ ରକ୍ତର ନମୂନା କିପରି ପରୀକ୍ଷା କରାଯିବ ତାହା ଚିନ୍ତା କରିହେଉ ନାହିଁ। କରୋନା ଭୂତାଣୁର ଚିକିତ୍ସା ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ଔଷଧ କିମ୍ବା ନିଦାନ ବାହାରିପାରି ନାହିଁ। କୋଭିଡ-୧୯ ଦ୍ୱିତୀୟ ବା ତୃତୀୟ ପର୍ଯ୍ୟାୟରେ ପହଞ୍ଚିଲେ ତାହା ଅତ୍ୟନ୍ତ କ୍ଷିପ୍ର ବେଗରେ ସଂକ୍ରମିତ କରିଥାଏ। ଏହି ପର୍ଯ୍ୟାୟ ସବୁଠାରୁ ବିପଦପୂର୍ଣ୍ଣ। ତେବେ ଭାରତରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଯାହା, ଏଭଳି ପରିସ୍ଥିତି ଆସିଲେ ତାହାର କିପରି ମୁକାବିଲା କରାଯିବ ତାହା ବୈଜ୍ଞାନିକ ଓ ବିଶେଷଜ୍ଞଙ୍କ ଚିନ୍ତା ବଢ଼ାଇ ଦେଇଛି। ଆମେରିକା ଓ ଇଟାଲିରେ କୋଭିଡ-୧୯ ଯେଭଳି ବ୍ୟାପିଲା ତାହା କଳ୍ପନାତୀତ ଥିଲା। ଏହା ପ୍ରଥମେ ଧୀରେଧୀରେ

▶▶ ୭

ବିଶ୍ୱରେ ମୃତ୍ୟୁସଂଖ୍ୟା ୧୯ ହଜାର ଟପିଲା

ବିଶ୍ୱରେ କରୋନା ମୃତ୍ୟୁ ସଂଖ୍ୟା ବଢ଼ିଚାଲିଛି। ବୁଧବାର ରାତି ସୁଦ୍ଧା ମିଳିଥିବା ରିପୋର୍ଟ ଅନୁଯାୟୀ, ମୃତ୍ୟୁ ସଂଖ୍ୟା ୧୯,୭୯୫କୁ ବୃଦ୍ଧି ପାଇଛି। କରୋନା ସଂକ୍ରମିତଙ୍କ ସଂଖ୍ୟା ୪,୪୬,୦୮୭ରେ ପହଞ୍ଚିଛି। ଇତିମଧ୍ୟରେ ଆକ୍ରାନ୍ତଙ୍କ ମଧ୍ୟରୁ ୧,୧୨,୦୪୩ ଜଣ ସୁସ୍ଥ ହୋଇଛନ୍ତି। ୟୁରୋପରେ କରୋନା ସଂକ୍ରମଣ ଦ୍ରୁତବେଗରେ ବୃଦ୍ଧି ପାଉଛି। ସ୍ପେନ୍‌ର ମୃତ୍ୟୁ ସଂଖ୍ୟା ଚୀନ୍‌କୁ ଟପି ଯାଇଛି। ସ୍ପେନ୍‌ରେ ଏପର୍ଯ୍ୟନ୍ତ କରୋନା ସଂକ୍ରମଣରେ ୩,୪୩୪ ଜଣଙ୍କ ମୃତ୍ୟୁ ହୋଇଛି। ତେବେ କରୋନାର ଉତ୍ପତ୍ତିସ୍ଥଳ ଚୀନ୍‌ରେ ମୃତ୍ୟୁ ସଂଖ୍ୟା ହେଉଛି ୩,୨୮୧। ଇଟାଲୀରେ ୬,୮୨୦ ଜଣ ପ୍ରାଣ ହରାଇଥିଲାବେଳେ ସେଠାରେ ଆକ୍ରାନ୍ତଙ୍କ ସଂଖ୍ୟା ୬୯,୧୭୬ରେ ପହଞ୍ଚିଛି। ଆମେରିକାରେ ୫୫,୦୮୧ ଜଣ ସଂକ୍ରମିତ ହୋଇଥିଲାବେଳେ ମୃତ୍ୟୁ ସଂଖ୍ୟା ୭୮୫କୁ ବୃଦ୍ଧି ପାଇଛି। ମଧ୍ୟପ୍ରାଚ୍ୟରେ ସବୁଠାରୁ ବେଶୀ ସଂକ୍ରମିତ ହୋଇଥିବା ଇରାନ୍‌ରେ ଆକ୍ରାନ୍ତଙ୍କ ସଂଖ୍ୟା ୨୭,୦୧୭କୁ ବୃଦ୍ଧି ପାଇଥିଲାବେଳେ ମୃତ୍ୟୁ ସଂଖ୍ୟା ୨,୦୭୭କୁ ବୃଦ୍ଧି ପାଇଛି। ବ୍ରିଟେନ୍‌ରେ ଏପର୍ଯ୍ୟନ୍ତ କରୋନାରେ ୪୩୩ ଜଣଙ୍କ ମୃତ୍ୟୁ ହୋଇଛି। ସେଠାରେ ଆକ୍ରାନ୍ତଙ୍କ ସଂଖ୍ୟା ୮,୨୨୭କୁ ବୃଦ୍ଧି ପାଇଛି।

ରାଜ୍ୟକୁ ବାହାରୁ ଆସିଛନ୍ତି ୭୮ ହଜାରରୁ ଅଧିକ

ଭୁବନେଶ୍ୱର,୨୫।୩/ଏନ୍ଏନ୍ଏସ୍:

କୋଭିଡ୍-୧୯ ବ୍ୟାପିବା ଅବଧି ମଧ୍ୟରେ ବାହାର ରାଜ୍ୟଗୁଡ଼ିକରୁ ଓଡ଼ିଶାର ବିଭିନ୍ନ ଜିଲ୍ଲାକୁ ୭୮ ହଜାର ୨୩୩ ଜଣ ବ୍ୟକ୍ତି ଆସିଛନ୍ତି। ଏହି ବ୍ୟକ୍ତିମାନଙ୍କୁ କରୋନା ଭୂତାଣୁ ସଂକ୍ରମଣରୁ ମୁକ୍ତ ରଖିବା ସହିତ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସଠିକ୍ ଜାଣିବା ପାଇଁ ସଙ୍ଗରୋଧର ଆବଶ୍ୟକତା ରହିଛି। ସେହିଦୃଷ୍ଟିରୁ ସେମାନଙ୍କୁ ‘ହୋମ କ୍ୱାରେଣ୍ଟାଇନ’ରେ ରହିବା ପାଇଁ ପ୍ରୋତ୍ସାହିତ କରିବାକୁ ଗ୍ରାମପଞ୍ଚାୟତ ସରପଞ୍ଚମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଅନୁରୂପ ଭାବେ ରାଜ୍ୟର ସମସ୍ତ ପଞ୍ଚାୟତ ସମିତି ଓ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ‘ହୋମ୍ କ୍ୱାରେଣ୍ଟାଇନ’ ମାର୍ଗଦର୍ଶିକା କଡ଼ାକଡ଼ି ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଗଞ୍ଜାମ ଜିଲ୍ଲାକୁ ବାହାରୁ ସର୍ବାଧିକ ୧୧,୦୫୪ ଜଣ ଆସିଥିବା ବେଳେ ନବରଙ୍ଗପୁର ଜିଲ୍ଲାକୁ ସର୍ବନିମ୍ନ ୪୦୭ ଜଣ ଆସିଛନ୍ତି।

ଅନ୍ୟପକ୍ଷରେ ବାଲେଶ୍ୱରକୁ ୬୪୪୨, କଳାହାଣ୍ଡିକୁ ୪୪୪୮, କେନ୍ଦ୍ରପଡ଼ାକୁ ୪୩୧୮, ଫୁଲବାଣୀକୁ ୪୩୦୬, ପୁରୀକୁ ୩୬୮୮, କଟକକୁ ୩୬୦୪ ଜଣ, ମାଲକାନଗିରିକୁ ୩୮୫୨ ଓ ମୟୂରଭଞ୍ଜକୁ ୩୩୨୬ ଜଣ ବ୍ୟକ୍ତି ଆସିଛନ୍ତି। ସେହିପରି ବଲାଙ୍ଗିରକୁ ୨୦୭୪, ଯାଜପୁରକୁ ୨୦୨୮, ଅନୁଗୁଳକୁ ୧୦୭୬, ବରଗଡ଼କୁ ୧୫୭୬, ଖୋର୍ଦ୍ଧାକୁ ୨୪୧୨, ଢେଙ୍କାନାଳକୁ ୧୦୨୧, ଗଜପତିକୁ ୨୮୪୯, ଜଗତସିଂହପୁରକୁ ୧୭୩୮, ଭଦ୍ରକକୁ ୧୯୭୨, କେନ୍ଦୁଝରକୁ ୧୯୪୫, କୋରାପୁଟକୁ ୨୨୩୮, ନୂଆପଡ଼ାକୁ ୧୯୧୦, ନୟାଗଡ଼କୁ ୨୧୧୫, ରାୟଗଡ଼ାକୁ ୨୩୬୯, ସମ୍ବଲପୁରକୁ ୧୦୨୦, ସୋନପୁରକୁ ୧୧୦୨, ସୁନ୍ଦରଗଡ଼କୁ ୧୨୦୧ ଜଣ ବ୍ୟକ୍ତି ଆସିଛନ୍ତି। ବୌଦ୍ଧକୁ ୧୦୧୩, ଦେବଗଡ଼କୁ ୫୭୦ ଓ ଝାରସୁଗୁଡ଼ାକୁ ୫୬୮ ଜଣ ବ୍ୟକ୍ତି ଆସିଛନ୍ତି ବୋଲି ରାଜ୍ୟ ସରକାରଙ୍କ ମୁଖପାତ୍ର ସୂଚନା ଦେଇଛନ୍ତି।

ମେଡିକାଲ୍ ଉପକରଣ ଯୋଗାଇବାକୁ ଶିଳ୍ପ ସଂସ୍ଥାଙ୍କୁ ଅନୁରୋଧ

ଆଗୁଆ ଔଷଧ ଯୋଗାଇଲେ ପ୍ରୋତ୍ସାହନ

ଭୁବନେଶ୍ୱର: ଓଡ଼ିଶାରେ ଥିବା ଶିଳ୍ପୋଦ୍ୟୋଗଗୁଡ଼ିକୁ ମେଡିକାଲ୍ ଉପକରଣ ଯଥା ପୋର୍ଟେବୁଲ୍ ଭେଣ୍ଟିଲେଟର, ମାସ୍କ ଓ ସାନିଟାଇଜର ଇତ୍ୟାଦି ପ୍ରଦାନ କରିବାକୁ ରାଜ୍ୟ ସରକାର ଅନୁରୋଧ କରିଛନ୍ତି। ଇଣ୍ଡିଆନ୍ ଫାର୍ମର୍ସ ଫର୍ଟିଲାଇଜର କୋପରେଟିଭ୍ (ଇଫ୍‌କୋ) ଏ ଦିଗରେ ପ୍ରଥମେ ପଦକ୍ଷେପ ନେଇ ମେଡିକାଲ୍ ଉପକରଣ ଯୋଗାଇଥିବା ବେଳେ ଅନ୍ୟ ସଂସ୍ଥଗୁଡ଼ିକ ମଧ୍ୟ ଏହି ଦିଗରେ କାର୍ଯ୍ୟ କରିବେ ବୋଲି ରାଜ୍ୟ ସରକାର ଆଶାବ୍ୟକ୍ତ କରିଛନ୍ତି। ବୁଧବାର ଏ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ସରକାରଙ୍କ ମୁଖପାତ୍ର ସୁବ୍ରତୋ ବାଗଚୀ କହିଛନ୍ତି ଯେ ଓଡ଼ିଶା ରାଜ୍ୟ ଔଷଧ ନିଗମ ଶୀଘ୍ର ଔଷଧ ଓ ମେଡିକାଲ୍ ଉପକରଣ ଯୋଗାଉଥିବା ସଂସ୍ଥାଗୁଡ଼ିକ ପାଇଁ ପ୍ରୋତ୍ସୋହନ ଘୋଷଣା କରିଛନ୍ତି। ସପ୍ତାହକ ମଧ୍ୟରେ ଯୋଗାଣ ପାଇଁ ୫୦ ପ୍ରତିଶତ, ୧୫ ଦିନ ମଧ୍ୟରେ ଯୋଗଣା ପାଇଁ ୨୫ ପ୍ରତିଶତ ଓ ମାସକ ମଧ୍ୟରେ ଯୋଗଣ ପାଇଁ ୧୦ ପ୍ରତିଶତ ଅତିରିକ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଅନୁରୂପ ଭାବେ ଉପକରଣ ପରିବହନ ବାବଦରେ ସମସ୍ତ ଖର୍ଚ୍ଚ ସମେତ ୨୪ ଘଣ୍ଟା ମଧ୍ୟରେ ସେମାନଙ୍କୁ ପ୍ରାପ୍ୟ ପ୍ରଦାନ କାଯିବ ବୋଲି ନିଷ୍ପତ୍ତି ହୋଇଛି।

ଅନ୍ୟପକ୍ଷରେ ରାଜ୍ୟରେ କୋଭିଡ୍-୧୯ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ସ୍ୱରୂପ ରାଜ୍ୟ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୩୦ ଜିଲ୍ଲା ପାଇଁ ୪୪.୫୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟର ସବୁ ଜିଲ୍ଲା ରେଡ୍‌କ୍ରସ ପାଣ୍ଠିକୁ ଏହି ଟଙ୍କା ପ୍ରଦାନ କରାଯାଇଛି। ଗଞ୍ଜାମ ଓ ମାଲକାନଗିରି ଜିଲ୍ଲା ପାଇଁ ୩ କୋଟି ଲେଖାଏଁ ପ୍ରଦାନ କରାଯାଇଥିବା ବେଳେ ବାଲେଶ୍ୱର, ବରଗଡ଼, ବଲାଙ୍ଗିର, କଟକ, କଳାହାଣ୍ଡି, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ନୟାଗଡ଼, ପୁରୀ ଓ ସମ୍ବଲପୁର ଜିଲ୍ଲାକୁ ୨ କୋଟି ଲେଖାଏଁ ଆର୍ଥିକ ସହାୟତା ଦିଆଯାଇଛି।

ସେହିପରି ଅନୁଗୁଳ, ଭଦ୍ରକ, ବୌଦ୍ଧ, ଢେଙ୍କାନାଳ, ଗଜପତି, ଜଗତସିଂହପୁର, ଯାଜପୁର, ଝାରସୁଗୁଡ଼ା, କନ୍ଧମାଳ, କୋରାପୁଟ, ମୟୂରଭଞ୍ଜ, ନୂଆପଡ଼ା, ନବରଙ୍ଗପୁର, ରାୟଗଡ଼ା, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼କୁ ୧ କୋଟି ଲେଖାଏଁ ଏବଂ ଦେବଗଡ଼ ଜିଲ୍ଲାକୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେପଟେ ସାରା ରାଜ୍ୟରେ ପ୍ରାଣିସମ୍ପଦ ବିଭାଗୀୟ ସେବାକୁ ଅତ୍ୟାବଶ୍ୟକ ସେବା ଭାବେ ଅନ୍ତର୍ଭୁକ୍ତ କରାଯାଇଥିବାରୁ ଏହି ସେବାକୁ ଲକ୍‌ଡାଉନ୍ ସମୟରେ କଟକଣା ମୁକ୍ତ କରାଯାଇଛି।

ସୂଚନା ଓ ଲୋକସମ୍ପର୍କ ବିଭାଗ

ଏପ୍ରିଲ୍ ୧୫ ଯାଏ ହାଇକୋର୍ଟ ବନ୍ଦ

କଟକ: ଭୟଙ୍କର କରୋନା ସଂକ୍ରମଣ ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଗତକାଲି ସମ୍ପୂର୍ଣ୍ଣ ଦେଶକୁ ଲକ୍ ଡାଉନ୍ କରିବା ପରିପ୍ରେକ୍ଷୀରେ ଓଡ଼ିଶା ହାଇକୋର୍ଟ ଏପ୍ରିଲ୍ ୧୫ ତାରିଖ ଯାଏ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ରେଜିଷ୍ଟ୍ରାର୍ ଜୁଡିସିଆଲ୍‌ଙ୍କ କାର୍ଯ୍ୟାଳୟ ପକ୍ଷରୁ ଏପରି ସୂଚନା ଦିଆଯାଇଛି। ତେବେ ଅତି ଜରୁରୀ ମାମଲା ଥିଲେ ଡେପୁଟି ରେଜିଷ୍ଟ୍ରାର୍‌ଙ୍କୁ ଦିନ ୧୧ଟାରୁ ୧୨ଟା ମଧ୍ୟରେ ଇ-ମେଲ୍ ମାଧ୍ୟମରେ ସୂଚନା ଦେବାକୁ କୁହାଯାଇଛି।

ଠିକାରେ ନିଯୁକ୍ତ ହେବେ ଅଧିକ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ

ଭୁବନେଶ୍ୱର: କରୋନା ମୁକାବିଲା ପାଇଁ ରାଜ୍ୟରେ ଅଧିକ ସଂଖ୍ୟକ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ ନିଯୁକ୍ତି ଦେବାକୁ ସ୍ୱାସ୍ଥ୍ୟ ବିଭାଗପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ୩ ମାସ ପାଇଁ ବା ଜୁନ ୩୦ ପର୍ଯ୍ୟନ୍ତ ଚୁକ୍ତି ଭିତ୍ତିରେ ଡାକ୍ତର, ନର୍ସ ଓ ଫାର୍ମାସିଷ୍ଟଙ୍କୁ ନିଯୁକ୍ତି ଦିଆଯିବ। ଦୈନିକ ପାରିଶ୍ରମିକ ଭାବେ ସ୍ପେଶାଲିଷ୍ଟମାନେ ୫ ହଜାର, ମେଡିକାଲ ଅଫିସର ୩ ହଜାର, ନର୍ସ ଏକ ହଜାର ଟଙ୍କା ପାଇବେ। ସେହିପରି ଉଭୟ ମହିଳା ଏବଂ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ଦୈନିକ ୮୫୦ ଟଙ୍କା ପ୍ରଦାନ କରାଯିବ। ଅବସରପ୍ରାପ୍ତ କର୍ମଚାରୀମାନେ ମଧ୍ୟ ଆବେଦନ କରିପାରିବେ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି।

ଭବାନୀ ପଟ୍ଟନାୟକ ଅସୁସ୍ଥ

ସ୍ୱତନ୍ତ୍ର ଟିମ୍ ଦ୍ୱାରା ଚିକିତ୍ସା କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର: ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ସାଂସଦ ଭବାନୀ ଚରଣ ପଟ୍ଟନାୟକ ଗୁରୁତର ଭାବେ ଅସୁସ୍ଥ ହୋଇ ଚିକିତ୍ସିତ ହେଉଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ହଠାତ୍ ଅସୁସ୍ଥ ଅନଭୁବ କରିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ବୁଧବାର ସକାଳୁ ତାଙ୍କୁ ଆଇସିୟୁରେ ରଖାଯାଇଥିଲା। ହୃଦରୋଗରେ ଆକ୍ରାନ୍ତ ହୋଇ ଗୁରୁତର ହୋଇପଡ଼ିଥିବା ଶ୍ରୀ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅବଗତ ହେବାପରେ ଦୁଃଖପ୍ରକାଶ କରିଛନ୍ତି। ଚିକିତ୍ସାରେ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବା ସହ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ମେଡିକାଲ ଟିମ୍ ଗଠନ କରି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ମନିଟରିଂ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

▶▶ ୭

ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ମିଳିବ ଆଗୁଆ ୪ ମାସର ଦରମା

ଭୁବନେଶ୍ୱର: କରୋନା ମୁକାବିଲା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସମସ୍ତ ଡାକ୍ତର, ପାରାମେଡିକାଲ ତଥା ସ୍ୱାସ୍ଥ୍ୟକର୍ମୀଙ୍କୁ ଆଗୁଆ ୪ମାସର ଦରମା ଦେବାକୁ ବୁଧବାର ଘୋଷଣା କରିଛନ୍ତି। ତେଣୁ ଡାକ୍ତର, ପାରାମେଡିକାଲ ଓ ସ୍ୱାସ୍ଥ୍ୟସେବାରେ ନିୟୋଜିତ ସବୁ କର୍ମଚାରୀଙ୍କୁ ଏପ୍ରିଲ, ମେ’, ଜୁନ୍ ଓ ଜୁଲାଇ ମାସର ଦରମା ଏପ୍ରିଲ ମାସରେ ହିଁ ମିଳିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆପଣମାନେ ଜାଣନ୍ତି କରୋନା ଭାଇରସ୍ ଆଜି ସାରା ମାନବଜାତି ପାଇଁ ଏକ ବହୁତ ବଡ ଆହ୍ୱାନ ସୃଷ୍ଟି କରିଛି। କରୋନା ବିରୋଧରେ ଆମର ଲଢ଼େଇ ପାଇଁ ଫାଷ୍ଟ ଲାଇନ୍ ଅଫ୍ ଡିଫେନ୍ସରେ ଅଛନ୍ତି ଆମର ଡାକ୍ତରଙ୍କ ଠାରୁ ଆରମ୍ଭ କରି ପାରାମେଡିକକାଲ ଓ ସ୍ୱାସ୍ଥ୍ୟସେବାରେ ଲାଗିଥିବା କର୍ମଚାରୀମାନେ। ସେମାନଙ୍କ ତ୍ୟାଗ, ନିଷ୍ଠା ଓ ସେବାର ତୁଳନା ନାହିଁ। ସେମାନେ କଠିନ ପରିସ୍ଥିତିରେ ସେବା ଯୋଗାଇ ଚାଲିଛନ୍ତି। ମୁଁ ଏବଂ ମୋର ଓଡ଼ିଶାବାସୀ ଭାଇ ଓ ଭଉଣୀମାନେ ସମସ୍ତେ ଏହି ସମୟରେ ସେମାନଙ୍କ ପରିବାର ସାଥିରେ ଅଛନ୍ତି। ସେମାନେ ନିଷ୍ଠାର ସହ ସେବା କରିଚାଲିଛନ୍ତି। ସେମାନଙ୍କ ଏହି ନିଷ୍ଠାକୁ ମୁଁ ସମ୍ମାନ କରୁଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଡାକ୍ତର, ପାରାମେଡିକାଲ ଓ ସ୍ୱାସ୍ଥ୍ୟସେବା କର୍ମଚାରୀମାନଙ୍କୁ ଶ୍ରଦ୍ଧା ଓ ସମ୍ମାନର ସହ ବ୍ୟବହାର କରିବାକୁ ରାଜ୍ୟବାସୀଙ୍କ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସେମାନଙ୍କ କାମରେ କେହି ବାଧା ସୃଷ୍ଟି କରନ୍ତୁ ନାହିଁ। ସେମାନେ ସବୁ ସୁଖ ସୁବିଧା ତ୍ୟାଗ କରି ଦିନରାତି କଠିନ ପରିସ୍ଥିତିରେ କାମ କରୁଛନ୍ତି। ଆମେ ସେମାନଙ୍କୁ ଉତ୍ସାହିତ କରିବା ଏବଂ ସେମାନଙ୍କ ତ୍ୟାଗକୁ ତାରିଫ କରିବା ଦରକାର। ଯେଉଁମାନେ ଡାକ୍ତର ଏବଂ ଅନ୍ୟ ସ୍ୱାସ୍ଥ୍ୟସେବା କର୍ମଚାରୀମାନଙ୍କ କାମରେ ବାଧା ସୃଷ୍ଟି କରିବେ, ସେମାନଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରିବେ ନାହିଁ, ସେହି ଲୋକମାନଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପୁଲିସକୁ ନିର୍ଦ୍ଦେଶ ଦେଇଛି। ଏ ଦେଶ ଆପଣମାନଙ୍କ ସାଥିରେ ଅଛି। ଆମେ ସମସ୍ତେ ଆପଣଙ୍କ ସାଥିରେ ରହିଛୁ। ଆପଣମାନେ ସେବା ଜାରି ରଖନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

ଆନ୍ତଃରାଜ୍ୟ ଫାଟକରେ ମାଲବାହୀ ଗାଡ଼ି ଛଡ଼ାଯାଉ

ଭୁବନେଶ୍ୱର: ଆନ୍ତଃରାଜ୍ୟ ତନଖି ଫାଟକରେ ଅଟକିଥିବା ମାଲଗାଡ଼ିକୁ ଛାଡ଼ିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଦେଶବ୍ୟାପୀ ୨୧ ଦିନ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଘୋଷଣାକୁ ମୁଁ ସ୍ୱାଗତ ଜଣାଉଛି। ଓଡ଼ିଶା ସରକାର ଏଥିପାଇଁ ଅତ୍ୟାବଶ୍ୟକ ପଦକ୍ଷେପ ନେଇଛନ୍ତି। ଆନ୍ତଃରାଜ୍ୟ ତନଖି ଫାଟକରେ ସବୁ ମାଲବାହୀ ଟ୍ରକଗୁଡିକ ଅଟକି ରହିଛି। ଫଳରେ ରାଜ୍ୟକୁ ମାଲ ଆସିପାରୁ ନାହିଁ। ଏଗୁଡ଼ିକ ଛାଡ଼ିବାକୁ ଅନୁମତି ଦିଆଯାଉ। ଆନ୍ତଃରାଜ୍ୟ ଚେକ୍ ଗେଟରେ କରୋନା ଲାଗି କଟକଣା ହଟାଇବାକୁ ଅନୁରୋଧ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହାଦ୍ୱାରା ଆବଶ୍ୟକ ସାମଗ୍ରୀ ଯୋଗାଣ ସହଜ ହୋଇପାରିବ। ସୂଚନାଯୋଗ୍ୟ ଯେ ଏବେ ଆନ୍ତଃରାଜ୍ୟ ତନଖି ଫାଟକ ଗୁଡ଼ିକରେ ମାଇଲ୍ ମାଇଲ ଦୂର ପର୍ଯ୍ୟନ୍ତ ଟ୍ରକଗୁଡ଼ିକ ଅଟକୀ ରହିଛନ୍ତି। ଲକ୍‌ଡାଉନ୍ ଯୋଗୁ କୌଣସି ଟ୍ରକ୍‌କୁ ଛାଡ଼ା ଯାଉନାହିଁ। ଫଳରେ ଅତ୍ୟାବଶ୍ୟକ ଦ୍ରବ୍ୟ ରାଜ୍ୟକୁ ଆସିପାରୁ ନାହିଁ। ସେଥିପାଇଁ ରାଜ୍ୟରେ ଆଳୁ ଭଳି ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ପାଇଛି।